# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 January - 2025

### News Editor : *Itishree Singh Rathaur*

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ

– ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି

– ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ନିଯୁକ୍ତ ହେବେ ୫ ହଜାର ଡାକ୍ତର

- ନେତାଜୀଙ୍କ ଜୟନ୍ତୀ ଅବସରରେ ଆସନ୍ତାକାଲି ପାଳନ କରାଯିବ ପରାକ୍ରମ ଦିବସ; କଟକରେ ସ୍ୱତନ୍ତ୍ର ଉତ୍ସବରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ

- କଳାହାଣ୍ଡି ଜିଲ୍ଲାରେ ମାଓବାଦୀ ମୁକାବିଲା ନେଇ ସମୀକ୍ଷା କଲେ ପୁଲିସ ମହାନିର୍ଦ୍ଦେଶକ

ଏବଂ

- 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ

**BBSR/R**

## ରାଜ୍ୟ କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବୈଠକରେ ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ୧୨ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ମୋଟ୍ ୧୧୪ଟି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ।

ସେହିଭଳି ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମିର ବିକାଶ ନିମନ୍ତେ ବିଭିନ୍ନ ସ୍ଥାୟୀ, ଉନ୍ନୟନମୂଳକ ପ୍ରକଳ୍ପ, ରାସ୍ତା ସଂଯୋଗୀକରଣ, ଶିକ୍ଷା ଏବଂ କ୍ରୀଡ଼ା ଭିତ୍ତିଭୂମି ଓ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ପାଇଁ ରାଜ୍ୟ ସରକାର 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା ନିୟମାବଳୀ-୨୦୧୭ରେ ସଂଶୋଧନକୁ ମଞ୍ଜୁରୀ ମିଳିଛି। ଏହା ସହ ରାଜ୍ୟରେ ୫ ହଜାର ଡାକ୍ତରଙ୍କ ସହ ୧୨୬ ଜଣ ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। କୃଷି କ୍ଷେତ୍ରର ଉନ୍ନତି ପାଇଁ ରାଜ୍ୟରେ ନୂତନ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ସରକାର ୫୦ ପ୍ରତିଶତ ଯାଏଁ ବିଦ୍ୟୁତ ଶୁଳ୍କ ରିହାତି ପ୍ରଦାନ ସହ ଦେଢ଼ କୋଟି ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତି ଯୋଗାଇ ଦେବେ। ନିବେଶ କ୍ଷେତ୍ରକୁ

ଆହୁରି ସୁଦୃଢ଼ କରିବା ପାଇଁ ଆର୍.ଆଇ.ଆର୍ କମ୍ପାନୀକୁ ନିବେଶ ପାଇଁ ସୁଯୋଗ ଦିଆଯିବ। ଏହି କମ୍ପାନୀକୁ ଇନସେଣ୍ଟିଭ୍ ବାବଦରେ ୫୦ ପ୍ରତିଶତ ପ୍ରଦାନ କରାଯିବ।

ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଆସନ୍ତା ମାସରେ ଷୋଡ଼ଶ ଅର୍ଥ କମିଶନ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ସମୟରେ ସରକାର କମିଶନଙ୍କ ନିକଟରେ ୧୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କା  ପ୍ରସ୍ତାବ ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

***PIB***

## ଝୋଟ ଚାଷୀ– ସହାୟକ ମୂଲ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ୨୦୨୫-୨୬ ବିପଣନ ବର୍ଷ ପାଇଁ ଝୋଟ ଚାଷୀଙ୍କ ଲାଗି ସର୍ବନିମ୍ନ ସହାୟକ ମୂଲ୍ୟକୁ ଅନୁମୋଦନ ମିଳିଛି। ବୈଠକରେ ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୫ ହଜାର ୬୫୦ ଟଙ୍କା ଧାର୍ଯ୍ୟ କରାଯାଇଛି।

*Desk*

## ପରାକ୍ରମ ଦିବସ

ଦେଶବ୍ୟାପୀ ଆସନ୍ତାକାଲି ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ଉପଲକ୍ଷେ ପରାକ୍ରମ ଦିବସ ପାଳନ କରାଯିବ। ଏହି ଅବସରରେ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ କଟକ ସହରର ବାରବାଟୀ ଦୁର୍ଗରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏଥିରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କିତ ପୁସ୍ତକ, ଛବି ପ୍ରଦର୍ଶନୀ, ମୂର୍ତ୍ତିଶିଳ୍ପ କର୍ମଶାଳା ଏବଂ ନେତାଜୀଙ୍କ ଜୀବନ ଓ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ କେନ୍ଦ୍ର କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

*Sambalpur*

## ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ବୀର ସୁରେନ୍ଦ୍ର ସାଏଙ୍କ ୨୧୬ତମ ଜୟନ୍ତୀ ଆସନ୍ତାକାଲି ସମ୍ବଲପୁର ଜିଲ୍ଲା ଖିଣ୍ଡାଠାରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେବେ। ସେହିପରି ସମ୍ବଲପୁର ସହରର ଜେଲ୍ ଛକରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ ଓ ବିଭିନ୍ନ ସଂଗଠନ ପକ୍ଷରୁ ମାଲ୍ୟାର୍ପଣ ସମେତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ।

*Nayagarh/DHNKL/Nabarangpur/PIB*

# ବେଟି ବଚାଓ-ବେଟି ପଢ଼ାଓ

କେନ୍ଦ୍ର ସରକାରଙ୍କର 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ ଆଜି ୧୦ ବର୍ଷ ପୂରଣ କରିଛି। ଲିଙ୍ଗଗତ ବୈଷମ୍ୟ ଦୂର କରିବା ଓ ଝିଅଙ୍କୁ ସଶକ୍ତ କରିବା ଦିଗରେ ଏହି ଅଭିଯାନ ଏକ ସଫଳ ମାଧ୍ୟମ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ଏହି ଅବସରରେ ତୃଣମୂଳ ସ୍ତରରେ କାମ କରୁଥିବା ଅଭିଯାନର ସମସ୍ତ ଅଂଶୀଦାରମାନଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ଶିଶୁକନ୍ୟାଙ୍କର ବିକାଶ, ଲିଙ୍ଗଗତ ଅସମାନତାକୁ ଦୂର କରିବା ପାଇଁ ହରିୟାଣାର ପାନିପଥ ସହରରେ ପ୍ରଧାନମନ୍ତ୍ରୀ ଆଜିର ଦିନରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ଯୋଗୁଁ ବିଗତ ୧୦ ବର୍ଷ ମଧ୍ୟରେ ଲିଙ୍ଗଗତ ଅନୁପାତରେ କନ୍ୟା ସନ୍ତାନଙ୍କର ଜନ୍ମହାର ବୃଦ୍ଧି ପାଇଛି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ 'ବେଟି ବଚାଓ-ବେଟି ପଢ଼ାଓ' ଯୋଜନାର ଦଶ ବର୍ଷ ପୂର୍ତ୍ତି ଅବସରରେ ଆଜିଠାରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

ଶିଶୁ କଲ୍ୟାଣର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି, ମହିଳାଙ୍କ କାର୍ଯ୍ୟଦକ୍ଷତା ଏବଂ ସାମଗ୍ରୀକ ଅଭିବୃଦ୍ଧି 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ମୂଳଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ

କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ଲିଙ୍ଗଗତ ଅସମାନତାକୁ ଦୂର କରି ଶିଶୁକନ୍ୟାଙ୍କୁ ସମାଜରେ ସମାନ ଅଧିକାର, ସୁରକ୍ଷା ପ୍ରଦାନ, ଶିକ୍ଷିତ କରିବା ସମସ୍ତଙ୍କର ନୈତିକ ଦାୟିତ୍ୱ ହେବା ଦରକାର। ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ମାସ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ପର୍ଯ୍ୟନ୍ତ ଚାଲିବ।

ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାରେ ଅନୁଷ୍ଠିତ ଏକ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ‘ବେଟି ବଚାଓ, ବେଟି ପଢ଼ାଓ’ ସମ୍ପର୍କରେ ଶପଥ ପାଠ କରାଇଥିଲେ।

ଏହି ଅବସରରେ ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ଠାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

***Kalahandi***

## ପୁଲିସ ଡିଜିଙ୍କ କଳାହାଣ୍ଡି ଗସ୍ତ

ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆଜି କଳାହାଣ୍ଡି ଜିଲ୍ଲା ଗସ୍ତ କରି ମାଓ ମୁକାବିଲା ନେଇ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ଛତିଶଗଡ଼ ଜଙ୍ଗଲରେ ପୁଲିସ ଓ ମାଓବାଦୀ ମଧ୍ୟରେ ଗୁଳିବିନିମୟ ପରେ ଶ୍ରୀ ଖୁରାନିଆ ଏସ୍.ଓ.ଜି. ଯବାନଙ୍କୁ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଗତକାଲି ନୂଆପଡ଼ା ଜିଲ୍ଲା ଓ ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ଅଞ୍ଚଳରେ ଘଟିଥିବା ଗୁଳିବିନିମୟରେ ୧୪ ଜଣ ମାଓବାଦୀ ନିହତ ହୋଇଥିଲେ। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏସ୍ଓଜି

ସମେତ ଛତିଶଗଡ଼ ସି.ଆର୍.ପି.ଏଫ୍. ଯବାନମାନେ ତଲାସୀ ଅଭିଯାନ ଜାରି ରଖିଛନ୍ତି ।

***HS***

## ପରୀକ୍ଷା ଦର୍ପଣ ପୁସ୍ତିକା

ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଏବଂ ମୁକ୍ତବିଦ୍ୟାଳୟ ପରୀକ୍ଷା ଆସନ୍ତା ମାସ ୨୧ ତାରିଖରୁ  ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ।  ବିଦ୍ୟାର୍ଥୀଙ୍କ ସହାୟତା ନିମନ୍ତେ ନମୂନା ପ୍ରଶ୍ନପତ୍ର 'ପରୀକ୍ଷା ଦର୍ପଣ' ପୁସ୍ତିକା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତିକାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ରାଜ୍ୟର ସମସ୍ତ ବିଦ୍ୟାଳୟକୁ ପଠାଯାଇଛି । ଏହି ପୁସ୍ତିକା ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

***HS***

## ଜଳବାୟୁ ପରିବର୍ତ୍ତନ

ରାଜ୍ୟରେ ଜଳବାୟୁ ସ୍ଥିରତା ଓ ସ୍ଥାୟୀ ବିକାଶ ପ୍ରୟାସକୁ ବୃଦ୍ଧି କରିବା ପାଇଁ ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଆଇ.ଆଇ.ଟି ଭୁବନେଶ୍ୱର ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

*Gajapati*

## ଧାନ କିଣା

ଗଜପତି ଜିଲ୍ଲାରେ ଚଳିତ ଖରିଫ ବର୍ଷରେ ୪୫ଟି ଧାନମଣ୍ଡି ଖୋଲାଯାଇଛି। ଆଜି ସୁଦ୍ଧା ୭୭ ହଜାର କୁଇଣ୍ଟାଲ ଧାନ କିଣାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

*Ganjam*

## ବାତ୍ୟା ଆଶ୍ରୟସ୍ଥଳୀ

ଗଞ୍ଜାମ ଜିଲ୍ଲାରେ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ସୁପରିଚାଳନା ଓ ରକ୍ଷଣାବେକ୍ଷଣ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ୧୫ଟି ବ୍ଲକରେ ଥିବା ୧୦୮ଟି ଆଶ୍ରୟସ୍ଥଳୀ ଗୁଡ଼ିକର ରକ୍ଷଣାବେକ୍ଷଣ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

*Desk*

## ଏକଦିବସୀୟ ମ୍ୟାଚ୍

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ମାସ ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମ୍ୟାଚ୍‌ର ପ୍ରଥମ ଟିକେଟ୍ କ୍ରୟ କରିଛନ୍ତି।

*Desk*

# ହକି

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଆଜି ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମରେ ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି। ପୁରୁଷ ବର୍ଗରେ ଅନ୍ୟ ଏକ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।

*Boudh*

# ଫୁଟବଲ ଟୁର୍ଣ୍ଣାମେଣ୍ଟ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ତିଳେଶ୍ୱର ହାଇସ୍କଲ ଖେଳପଡ଼ିଆଠାରେ ଚାଲିଥିବା ୨୧ତମ ତିଳେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଝାରସୁଗୁଡ଼ା ଦଳ ୨-୧ ଗୋଲ୍‌ରେ କଟକକୁ ପରାସ୍ତ କରି ଚାମ୍ପିଅନ ହୋଇଛି।

*******************************